**ଗ୍ରାମୀଣ କୃଷି ମୌସମ ସେବା, ଭବାନୀପାଟଣା, କଳାହାଣ୍ଡି**

**ଜିଲ୍ଲା ସ୍ତରୀୟ ପାଣିପାଗ ଭିତିକ କୃଷି ଉପଦେଶ ସେବା**

**ପଶ୍ଚିମ ମାଳ ଅଂଚଳ, ଆଞ୍ଚଳିକ ଗବେଷଣା ଓ ପ୍ରଯୁକ୍ତି ବିଦ୍ୟା ପ୍ରସାରଣ କେନ୍ଦ୍ର ,**

**(ଓଡିଶା କୃଷି ଓ ବୈଷୟିକ ବିଶ୍ଵ ବିଦ୍ୟାଳୟ)**

**ଭବାନୀପାଟଣା**

---

**ପତ୍ର ସଂ - ୨୧** **ସପ୍ତାହ- ୧୪** **ତାରିଖ- ୦୬.୦୪.୨୦୧୮**

## ପାଣିପାଗ ଭିତିକ କୃଷି ଉପଦେଶ - କଳାହାଣ୍ଡି ଜିଲ୍ଲା ନିମନ୍ତେ

**ପାଣିପାଗ ପୂର୍ବାନୁମାନ - ୦୭.୦୪.୨୦୧୮ ରୁ ୧୧.୦୪.୨୦୧୮ ପର୍ଯ୍ୟନ୍ତ:**

ଆସନ୍ତା ୧୧.୦୪.୨୦୧୮ ପର୍ଯ୍ୟନ୍ତ କଳାହାଣ୍ଡି ଜିଲ୍ଲା ର କେତେକ ସ୍ଥାନ ରେ ସ୍ୱଳ୍ପ ରୁ ମାଧ୍ୟମ ଧାରଣା ରେ ବର୍ଷା ହେବା ସମ୍ଭାବନା ଅଛି. ଏହି ସମୟ ରେ ଆକାଶ ଅଙ୍ଗଶିକା ମେଘୁଆ ରୁ ମୁଖ୍ୟତ ମେଘୁଆ ରହିବା ସମ୍ଭାବନା ଅଛି. ପବନ ଦକ୍ଷିଣ-ପୂର୍ବ ଓ ଦକ୍ଷିଣ - ପଶ୍ଚିମ ଦିଗରୁ ଘଣ୍ଟା ପ୍ରତି ୦୦୩-୦୦୭ କି.ମି. ବେଗ ରେ ବୋହିବା ସମ୍ଭାବନା ଅଛି. ଏହି ସମୟ ରେ ଦିନ ର ସର୍ବାଧିକ ତାପମାତ୍ରା ୩୪-୩୮ ଡିଗ୍ରୀ ସେ. ଓ ସର୍ବନିମ୍ନ ତାପମାତ୍ରା ୨୨-୨୩ ଡିଗ୍ରୀ ସେ. ଏବଂ ସର୍ବାଧିକ ଓ ସର୍ବନିମ୍ନ ଆପେକ୍ଷିକ ଆଦ୍ରତା ଯଥାକ୍ରମେ ୫୮ -୮୦ % ଓ ୧୮-୨୩ % ରହିବା ସମ୍ଭାବନା ଅଛି.

**ପାଣିପାଗ ଭିତିକ କୃଷି ଉପଦେଶ:**

**ଡ଼ାଲୁଅ ଧାନ:**

- ଡ଼ାଲୁଅ ଧାନ ମୁଖ୍ୟ ଜମି ରେ ଗର୍ଭ ରୁ କ୍ଷୀର ଢୋକିବା ହେବା (୮- ୧୧ ସପ୍ତାହ) ଅବସ୍ଥା ରେ ଅଛି. ଗର୍ଭ ଅବସ୍ଥା ରେ ଜମି ରେ ୫ସେମି ପର୍ଯ୍ୟନ୍ତ ଠିଆ ପାଣି ରଖନ୍ତୁ. ଜମି ପାଣି ଥିଲେ ବର୍ଷ କୁ ଦେଖି ଜଳସେଚନ ର ଯୋଜନା କରନ୍ତୁ.
- ଡ଼ାଲୁଅ ଧାନ ଗର୍ଭ ଅବସ୍ଥା ହୋଇଗଲେ ଘାସ ବାଛି ଦିଅନ୍ତୁ ଓ ଏକରକୁ ସହଳ କିସମ ରେ ୧୩ କିଲୋ ୟୁରିଆ ସହିତ ୧୦କିଲୋ ଏମ.ଓ.ପି. ଓ ମଧ୍ୟମ କିସମ ରେ ୧୮ କିଲୋ ୟୁରିଆ ସହିତ ୧୩ କିଲୋ ଏମ.ଓ.ପି ସାର ପ୍ରୟୋଗ କରନ୍ତୁ.
- ଦିନ ତାପମାତ୍ରା ବୃଦ୍ଧି ହେଉଥିବାରୁ କାଣ୍ଡବିନ୍ଧା ପୋକ ପ୍ରଜାପତି ଅଣ୍ଡା ଦେବା ପାଇଁ ସହାୟକ ହୋଇପାରେ.ପ୍ରଜାପତି ଧରିବା ପାଇଁ ଏକ ଏକର ଜମି ରେ ୪ ଗୋଟି ସାଙ୍ଗ ଆକର୍ଷକ ଜନତା ବ୍ୟବହାର କରନ୍ତୁ. କାନ୍ଦ ବିନ୍ଧ ପୋକ ନିଅନ୍ତ୍ରଣା ପାଇଁ ଏକରକୁ ୮୦ମଲ chlorantraniliprole ୧୮.୫ ଏସ. ସି. କୁ ଏକ ଲିଟର ପାଣି ରେ ୦.୪ ମିଲି ଔଷଧ ମିଶାଇ ସିଞ୍ଚନ କରନ୍ତୁ.
- ଦିନ ଓ ରାତି ର ତାପମାତ୍ରା ମଧ୍ୟରେ ଆଦିକା ବ୍ୟବଧାବନ ରହୁଥିବାରୁ ଏହା ଧାନ ରେ ମହିଷା ରୋଗ ଲାଗିବ ରେ ସହାୟକ ହୋଇପାରେ. ଏହାର ନିଅନ୍ତ୍ରଣା ପାଇଁ ଏକ ଲିଟର ପାଣି ରେ ୦.୬ଗ୍ରାମ ହିସାବ ର ୧୨୦ ଗ୍ରାମ tricyclazole ୭୫% ଏସ.ପି. ଔଷଧ ମିଶାଇ ସିଞ୍ଚନ କରନ୍ତୁ.

**ଆଖୁ :**

- ଲଗା ଯାଇଥିବା ଆଖୁ ବର୍ତମାନ ଅଂଗୀୟ ବୃଦ୍ଧି ଅବସ୍ଥା ରେ ଅଛି. ଏହିସମୟରେ ୧୦ ଦିନ ଅନ୍ତର ରେ ଜଳସେଚନ କରନ୍ତୁ.

**ମୁଗ ଓ ବିରି**

- ମୁଗ ବିରି ମଞ୍ଜି ପାକଳ ରୁ ଅମଳ ହେବା ଅବସ୍ଥାରେ ଅଛି. ପାକଳ ମୁଗ ଓ ବିରି ଅମ୍ଳ କରି ସୁରକ୍ଷିତ ସ୍ଥାନ ରେ ରଖନ୍ତୁ.

**ପିଆଜ:**

- ମୁଖ୍ୟ ଜମି ରେ ରୁଆ ଯାଇଥିବା ପିଆଜ ବର୍ତମାନ ୧୩ -୧୫ ସପ୍ତାହ ଅବସ୍ଥା ରେ ଅଛି.
- ପିଆଜ ରେ ୭- ୧୦ ଦିନ ବ୍ୟବଧାନ ରେ ଜଳସେଚନ କରନ୍ତୁ.
- ପିଆଜ ପାକଳ ହେବା ସମୟରେ ଜଳସେଚନ କରନ୍ତୁ ନାହିଁ ଓ malic hydrazide ୨.୫ ଗ୍ରାମ/ଲିଟି ପାଣି ରେ ମିଶାଇ ସିଞ୍ଚନ କରନ୍ତୁ.

**ସହଯୋଗୀ ଗବେଷଣା ନିର୍ଦ୍ଦେଶକ ଓ ନୋଡାଲ ଅଫିସର**

**ଗ୍ରାମୀଣ କୃଷି ମୌସମ ସେବା , ଭବାନୀପାଟଣା**